

Tel: 0671 2508100 (O)
2301001 (R)
Fax: 0671 2301103 (R)
E-mail : dm-cuttack@nic.in

**Shri Bhabani Shankar Chayani**
Collector & District Magistrate
Cuttack, Odisha

# MESSAGE

It is a matter of great pleasure to write a few words about SAKHI- One Stop Centre, Cuttack which is presently located at 3rd Mental Health Institute, SCB Medical College and Hospital Campus. The centre aims to serve those women who are subjected to various kinds of violence.

I am glad to know that SAKHI- One Stop Centre, Cuttack implemented by Institute for Social Development (ISD) successfully completed 4 years since its inauguration on 8th March 2019.

Violence in any form Against Women is a shame for all of us. Be it domestic, street, institutional or organizational, should be totally uprooted. Apart from extending counseling to women in distress, SAKHI justify its name has also provided immediate, emergency and non-emergency access to a range of services including medical, legal, psychological support under one roof to fight against any forms of violence against women.

I congratulate all those associated with SAKHI and wish them success in their service to society.

Bhabani Shankar Chayani
(Collector & DM, Cuttack)

Supported By

**Ministry of Women and Child Development, Government of India**



## ସମ୍ପାଦକୀୟ.......

**ଶୁଭଶ୍ରୀ ଦାସ**, ନିର୍ଦ୍ଦେଶିକା
ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପ୍‌ମେଣ୍ଟ (ଆଇ.ଏସ୍.ଡି)

# ୪ର୍ଥ ବର୍ଷରେ 'ସଖୀ' - ୱାନଷ୍ଟପ୍ ସେଣ୍ଟର, କଟକ

ଇନ୍‌ଷ୍ଟିଚ୍ୟୁଟ୍ ଫର ସୋସିଆଲ୍ ଡେଭଲପ୍‌ମେଣ୍ଟ (ଆଇ.ଏସ୍.ଡି.), କଟକ ଜିଲ୍ଲା ପ୍ରଶାସନ ଓ ଏସ୍.ସି.ବି. ମେଡିକାଲ କଲେଜ ଓ ହସ୍‌ପିଟାଲର ମିଳିତ ପ୍ରୟାସରେ ହିଂସାପୀଡ଼ିତା ମହିଳାମାନଙ୍କୁ ସୁରକ୍ଷା ଓ ସହଯୋଗ ଦେବାପାଇଁ ଖୋଲା ଯାଇଥିବା 'ସଖୀ' ୱାନ୍ ଷ୍ଟପ୍ ସେଣ୍ଟର, କଟକକୁ ୪ବର୍ଷ ପୂରିଲା। ୨୦୧୯ ମସିହା ମାର୍ଚ୍ଚ ୮ ତାରିଖରେ ଏହି ସେଣ୍ଟରର ଶୁଭାରମ୍ଭ ହୋଇଥିଲା। ଏବେ ଏହି 'ସଖୀ' କେନ୍ଦ୍ର ସାରା ଜିଲ୍ଲା ଓ ଜିଲ୍ଲା ବାହରରୁ ଆସୁଥିବା ହିଂସା ପୀଡ଼ିତା ମହିଳାମାନଙ୍କୁ ସହଯୋଗ ଓ ସାହାଯ୍ୟ ଦେବାରେ ଅଗ୍ରଣୀ ଭୂମିକା ନିଭାଇଛି। ଏହାକେବଳ ସମ୍ଭବ ହୋଇପାରିଛି ଜିଲ୍ଲା ପ୍ରଶାସନର ସହଯୋଗ ପାଇଁ। ବିଗତ ୪ବର୍ଷ ମଧ୍ୟରେ ମୋଟ ୮୫୭ ଜଣ ମହିଳା ଏଠାକୁ ଆସି ନିଜର ଅଭିଯୋଗ ପଞ୍ଜିକରଣ କରିଥିବାବେଳେ ସେଥିମଧ୍ୟରୁ ୫୮୧ଟି ଅଭିଯୋଗର ପରାମର୍ଶ ମାଧ୍ୟମରେ ସମାଧାନ ହୋଇପାରିଛି। ଜଣେ ପିଡ଼ୀତା ମହିଳା ନିଜେ କିମ୍ୱା ନିଜର ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଅଭିଯୋଗ ଦାଖଲ କରିପାରିବ। ଅଭିଯୋଗଟି ହସ୍ତଗତ ହେଲାପରେ 'ସଖୀ' କେନ୍ଦ୍ରର ପରାମର୍ଶଦାତ୍ରୀମାନେ ପିଡ଼ୀତା ମହିଳାଟିକୁ ଠିକ୍ ପରାମର୍ଶ ଦେଇ ତାଙ୍କର ଅଭିଯୋଗଟିର ସମାଧାନ କରିବା ପାଇଁ ଚେଷ୍ଟା କରିଥାନ୍ତି। ଯେଉଁଠି ଦରକାର ହୁଏ ସେଠି ସୁରକ୍ଷା ଅଧିକାରୀ, ସ୍ୱାଧାରଗୃହ, ମେଡିକାଲ ଚିକିତ୍ସା, ପୋଲିସ୍ ସହାୟତା ଓ ଆଇନଗତ ସହାୟତା ମଧ୍ୟ ଯୋଗାଇ ଦେଇଥାନ୍ତି।

ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ଯେ, ଆଇନ୍ କାନୁନ୍ ବିଷୟରେ ଅନେକ ଜନସାଧାରଣ ମୁଖ୍ୟତଃ ମହିଳାମାନେ ଅବଗତ ନୁହଁନ୍ତି। ଯାହାଫଳରେ କି ଜଣେ ସାଧାରଣ ମହିଳା ନିଜର ଅଧିକାର ସାବ୍ୟସ୍ତ ନକରିପାରିବା ସଙ୍ଗେସଙ୍ଗେ ତା' ଉପରେ ଯେତେପ୍ରକାର ନିର୍ଯ୍ୟାତନା ହୁଏ, ତାକୁ ସହିନେବାକୁ ବାଧ୍ୟ ହୁଏ। ଏହାକୁ ଦୃଷ୍ଟିରେ ରଖି 'ସଖୀ' ତରଫରୁ କଟକର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସଚେତନତା ସଭାମାନ ଆୟୋଜନ କରାଯାଇ ମହିଳାମାନଙ୍କୁ ସେମାନଙ୍କ ଅଧିକାର ସମ୍ବନ୍ଧରେ ଅବଗତ କରାଯାଉଛି। ଏହି ସଚେତନତା ସଭା କରିବା ଦ୍ୱାରା ଅନେକ ନିର୍ଯ୍ୟାତନାର ଘଟଣା ଆଗକୁ ଆସିପାରିଛି ଓ ମହିଳାମାନେ ନିଜେ ଆସି ତାଙ୍କର ଅଭିଯୋଗ ପଞ୍ଜିକରଣ କରୁଛନ୍ତି। ଏହି ପ୍ରକ୍ରିୟାକୁ ସରଳ କରିବାପାଇଁ ପ୍ରତି ୱାର୍ଡରେ 'ସଖୀକ୍ଲବ' ମାନ ଗଠନ କରାଯାଇଛି। ଜଣେ ପୀଡ଼ିତା ମହିଳା 'ସଖୀ' ସେଣ୍ଟରକୁ ଆସିବା ପୂର୍ବରୁ ନିଜର ଅଭିଯୋଗ 'ସଖୀକ୍ଲବ'ର ସଦସ୍ୟାମାନଙ୍କୁ ଜଣାଇ ପାରିବ। ତେଣୁ ମୋର ଅନୁରୋଧ ରହିବ ନିଜ ଉପରେ ହେଉଥିବା ହିଂସା ବା ନିର୍ଯ୍ୟାତନାକୁ ନସହି ପାଟି ଖୋଲି କୁହନ୍ତୁ ଓ 'ସଖୀ'ର ସହାୟତା ନିଅନ୍ତୁ।

'ସଖୀ' କେନ୍ଦ୍ରକୁ ପରିଚାଳନା କରିବା ପାଇଁ ଆଇ.ଏସ୍.ଡି କୁ ସମସ୍ତ ସହଯୋଗ ଯୋଗାଇ ଦେଇଥିବାରୁ ମୁଁ, କଟକ ଜିଲ୍ଲାପାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ନିର୍ଦ୍ଦେଶକ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, କର୍ତ୍ତୃପକ୍ଷ ଏସ୍.ସି.ବି. ମେଡିକାଲ କଲେଜ ଆଦିଙ୍କୁ କୃତଜ୍ଞତା ଜଣାଉଛି। ଶେଷରେ ଏହି କାର୍ଯ୍ୟକ୍ରମର ସଫଳତା ପଛରେ 'ସଖୀ' କେନ୍ଦ୍ରରେ ୨୪ X ୭ ଘଣ୍ଟିଆ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତାମାନଙ୍କୁ ମୋର ଆନ୍ତରିକ ଧନ୍ୟବାଦ ସହ ଶୁଭେଚ୍ଛା ଜଣାଉଛି।

(ଶୁଭଶ୍ରୀ ଦାସ)

# MESSAGE



**ଶ୍ରୀମତୀ ସବିତା ରାଉତ**
ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ
କଟକ

କିଛି ବେଦନା, କିଛି ସାନ୍ତ୍ୱନା, କିଛି ନିର୍ଯ୍ୟାତନା, କିଛି ସମବେଦନାର ସମ୍ମିଶ୍ରଣ ସଖୀ ୱାନ ଷ୍ଟପ୍ ସେଣ୍ଟର୍ । ପୁରୁଷ ସହ ସମାନ ଭାଗିଦାରିରେ ଡିଣ୍ଡିମ ବଜାଉଥିବା ଏ ସମାଜରୁ ନାରୀ ନିର୍ଯ୍ୟାତନାର ପ୍ରତିବିମ୍ବ ଭାବରେ ସଖୀ ୱାନ ଷ୍ଟପ୍ ସେଣ୍ଟର୍ କାର୍ଯ୍ୟରତ । ଏକକାଳୀନ ପୋଲିସ୍ ସହଯୋଗ, ଆଇନ ପରାମର୍ଶ, ପୀଡ଼ିତାର ସ୍ୱାସ୍ଥ୍ୟଗତ ମନସ୍ତାତ୍ତ୍ୱିକ ପରାମର୍ଶ ତଥା ସହାୟତା ଦେବାରେ ପୂର୍ଣ୍ଣମାତ୍ରାରେ ଏ ଅନୁଷ୍ଠାନ ସଂକଳ୍ପବଦ୍ଧ । ନିଜସ୍ୱ ଗୃହ ପାଇଁ ଯତ୍ନ ଓ ସମସ୍ତ ପ୍ରକାର ପ୍ରଚେଷ୍ଟା ଚାଲିଛି । ତଥାପି ସଖୀ ଅନୁଷ୍ଠାନର ଅବସ୍ଥିତି କଟକ ଜିଲ୍ଲାରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାଇ ରଖିଛି । ଅନେକ ନିରାଶାର ଆଶା, ଭଗ୍ନ ହୃଦୟକୁ ଯୋଡ଼ିବାର ପ୍ରଚେଷ୍ଟା ଜାରି ଅଛି । କିଛି ନିରାଶ୍ରୟାଙ୍କୁ ସହଜରେ ସେମାନଙ୍କର କାର୍ଯ୍ୟପ୍ରାପ୍ତିକୁ ସ୍ୱୀକୃତି ମିଳୁ । ଏହା ହିଁ କାମନା । ଚାରିବର୍ଷରେ ପଦାର୍ପଣ କରିଥିବା ସଖୀ ୱାନ ଷ୍ଟପ୍ ସେଣ୍ଟର୍‌କୁ ଏବଂ ସଂଯୋଜିତ କାର୍ଯ୍ୟ କର୍ତ୍ତାଙ୍କୁ ମୋର ଅନ୍ତରର ଶୁଭେଚ୍ଛା ।



**Sri B. Jugal Kishore, IPS**
Superintendent of Police,
CUTTACK

I am happy to know that SAKHI-One Stop Centre is going to complete four years since its inauguration in 2019. SAKHI is another step towards stopping harassment of women and providing better disposal of their complaints. Women are being given all solutions and help in one place. At the SAKHI Centre, they are being counseled, given medical attention and provided with information about Govt. schemes.

I express my gratitude towards the members of SAKHI for their immense contribution for women in distress and wish them all success in their service to the society.



**Prof. (Dr.) Ajaya Kumar Mishra**
Director-cum-Medical Superintendent
MHI (COE), SCBMCH, Cuttack

Wishing you more success and glory in the coming year and forever. As you celebrated the Foundation Day of 'Sakhi', an organisation of high degree social refute. We the employees of Mental Health Institutional Centre of Excellence, S.C.B. Medical College Hospital, unitact extend our warm wishes to the employees of 'Sakhi'. Have a successful year ahead, within lot of good dude and new success stones ahead.

# MESSAGE



**Dr. Satyabrata Chhotaray**
MS Surgery
Chief District Medical and
Public Health Officer, Cuttack

I am very delighted that SAKHI – One Stop Center is working since March 2019 at SCB MCH campus, Cuttack with the help of Institute for Social Development & District Administrator and has completed 4 years of excellent service for women.

One Stop Centre, SAKHI aims to support women who are victims of various forms of violence like domestic violence, rape, missing person etc. and support comprises counseling, legal aid, medical assistance and short-term shelter. Staffs are the backbone of SAKHI, One Stop Center who are working selflessly for the better result and trying to promote women upliftment. We are very lucky to have such center for women's help in today's society.

This is really appreciable. I heartily congratulate SAKHI for its sincere service and wish all the best for future.



**Smt. Manjulata Nayak**
Protection Officer

I extend my heartiest congratulations to SAKHI-One stop center, Cuttack for completing 04 year journey successfully. I congratulate to all the staff and members associate with SAKHI.

SAKHI-One stop center an initiative of Women and Child Development Department in association with District Administration, Cuttack provides all types of assistance like medical, police, Psycho-social counseling, Legal and free shelter home facilities under one roof. I personally refer cases to SAKHI-One stop center especially for psycho-social counseling.

I congratulate SAKHI-One stop center for its sincere and dedicated service is quite a praiseworthy. Again I congratulate all the staff of SAKHI-One stop center who are working to make their assignment successful.



**Pramoda Kishore Acharya**
Chairperson
Child Welfare Committee
Cuttack

I am glad to know that SAKHI-One Stop Centre, managed by Institute for Social Development (ISD), is going to bring out Annual Report 2023 in commemoration to the completion of its 4th year of establishment. At the outset I understand that One Stop Centre is providing multiple services including counseling, medical care and legal support to women and children victimized of sexual offences in single platform and with professional approach. I hope this Annual Report is not a mere document to show case the activities of the one stop centre but it would serve as repository in future to get insight into the successful practice and achievements. I take this opportunity to acknowledge the dedicated team efforts of the centre without which the volume of achievements reflected in this Annual Report would not have possible.

I congratulate the management of One Stop Centre and wish them to continue catering services to protect safety and wellbeing of woman and children.

# MESSAGE



**ଶ୍ରୀମତୀ ନିବେଦିତା ପଟ୍ଟନାୟକ**
ଅଧ୍ୟକ୍ଷା, ଆଇ.ଏସ୍.ଡି.

'ୱାନ୍ ଷ୍ଟପ୍ ସେଣ୍ଟର' - ସଖୀ ର ଚାରିବର୍ଷ ପୂର୍ତ୍ତି ଅବସରରେ ମୁଁ ଆଇ.ଏସ୍.ଡି. ର ସମସ୍ତ କର୍ମକର୍ତ୍ତାମାନଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି। ଏଇ ଚାରିବର୍ଷ ମଧ୍ୟରେ 'ସଖୀ'ରେ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତାମାନେ ଦିନରାତି ପରିଶ୍ରମ କରି ସେମାନଙ୍କ ପାଖକୁ ଆସୁଥିବା ପିଡ଼ୀତା ମହିଳାମାନଙ୍କୁ ସହଯୋଗ ଓ ସାହାଯ୍ୟ ଦେବାରେ ସଫଳ ଭୂମିକା ନିଭାଇଛନ୍ତି। ଡାକ୍ତରୀ ସୁବିଧା, ଆଇନ ସହାୟତା ଓ ପରାମର୍ଶ ଦେଇ ଅନେକ ଅଭିଯୋଗର ସମାଧାନ ପାଇଁ ଚେଷ୍ଟା କରିଛନ୍ତି। କଟକ ବଡ଼ଡାକ୍ତରଖାନା କେବଳ କଟକ ବାସିନ୍ଦାଙ୍କ ପାଇଁ ନୁହେଁ ଏହା ସାରା ଓଡ଼ିଶାର ଲୋକଙ୍କ ପାଇଁ। ଯଦିବା ସବୁଜିଲ୍ଲାରେ ଏହି କେନ୍ଦ୍ର ଅଛି ତଥାପି 'କଟକ' ସଖୀ କେନ୍ଦ୍ର ସାରା ଓଡ଼ିଶାରୁ ଆସୁଥିବା ମହିଳାମାନଙ୍କୁ ବିଶେଷଭାବେ ଡାକ୍ତରୀ ଚିକିତ୍ସା ସୁବିଧା ଯୋଗାଇଦେବାରେ ଏକ ବିଶେଷ ଭୂମିକା ନିଭାଉଛି। ମାନସିକ ଅନଗ୍ରସର ମହିଳାଟିକୁ ଥଇଥାନ କରିବା ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ଓ ସେମାନଙ୍କୁ ସେମାନଙ୍କ ପରିବାର ସଙ୍ଗେ ଯୋଗାଯୋଗ କରି ମହିଳାଟି କିପରି ତା' ନିଜ ଘରକୁ ଫେରିଯିବ ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା ମଧ୍ୟ କରାଇଛନ୍ତି। 'ସଖୀ'ର ସଫଳତା ପାଇଁ ମୁଁ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ବିଶେଷ ଭାବେ ଆଇ.ଏସ୍.ଡି. ର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସଙ୍କର ଅକ୍ଳାନ୍ତ ଉଦ୍ୟମ ପିଡ଼ୀତା ମହିଳାମାନଙ୍କୁ ଥଇଥାନ ଦିଗରେ ବିଶେଷ ଉପକୃତ ହୋଇପାରିଛି।



**Sasmita Khillar**
Inspector
DCP Office, Cuttack

It's a great pleasure for me to know that SAKHI One Stop Center, Cuttack, a joint venture of District Administration, SCBMCH and ISD is going to complete 4 years of its dedicated service towards violence affected women and girls. Congratulations for adding another dimension to the achievements. Under one roof SAKHI has been providing medical, police, legal service as well as psycho social counseling, short term shelter and rehabilitation facility to the aggrieved women. Its 24 X 7 service has lessened our burden, Every time we have got positive response whenever contacted relating to any case, even it may be day time or night time.

I heartly appreciate all the staffs of SAKHI One Stop Center and all the members associated with SAKHI for their noble and dedicated work. Congrats! Keep believing in yourself and work hard; more achievements are yet to come!




**ଚିନ୍ମୟୀ ସାହୁ**
ଭାରପ୍ରାପ୍ତ ଆରକ୍ଷୀ ନିରିକ୍ଷକ
ନିଶ୍ଚିନ୍ତକୋଇଲି ଥାନା

ହିଂସା ପୀଡ଼ିତା ମହିଳାମାନଙ୍କୁ ଉପଯୁକ୍ତ ସମୟରେ ସହାୟତା ପ୍ରଦାନ କରିବାରେ 'ସଖୀ' ମୁଖ୍ୟଭୂମିକା ଗ୍ରହଣ କରିଛି। ଯେକୌଣସି ସମୟରେ ପହଞ୍ଚିଲେ ମଧ୍ୟ ସେଠାରୁ ଉପଯୁକ୍ତ ସହାୟତା ମିଳିବା ସହିତ ଆଇନଗତ ପରାମର୍ଶ ମଧ୍ୟ ପୀଡ଼ିତାମାନଙ୍କୁ ମିଳିପାରୁଛି। 'ସଖୀ' ମଧ୍ୟ ପୀଡ଼ିତାମାନଙ୍କ ପ୍ରତି ଯତ୍ନବାନ ହେବା ସହିତ ସେମାନଙ୍କୁ ସେମାନଙ୍କର ମୌଳିକ ଅଧିକାର ଦେବାକୁ ଉପଯୁକ୍ତ ବ୍ୟବସ୍ଥା କରାଉଅଛି। ବର୍ତ୍ତମାନ ପରିସ୍ଥିତିରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ବଢ଼ିଯାଉଥିଲାବେଳେ ସେମାନଙ୍କୁ ସହାୟତା ଦେବାରେ 'ସଖୀ'ର ଭୂମିକା ବେଶ୍ ପ୍ରଶଂସନୀୟ ହୋଇପାରିଛି। ଏ ସବୁର ସଫଳତା ପାଇଁ 'ସଖୀ'ର ସମସ୍ତ କର୍ମକର୍ତ୍ତାମାନଙ୍କୁ ମୋର ଅଶେଷ ଶୁଭେଚ୍ଛା।


# 4 Years at a Glance

| Year ( March to Feb ) | Month wise Case Registration Status | | | | | | | | | | | | Total |
|---|---|---|---|---|---|---|---|---|---|---|---|---|---|
| | March | April | May | June | July | Aug | Sept | Oct | Nov | Dec | Jan | Feb | |
| **2019-2020** | 05 | 09 | 15 | 15 | 15 | 16 | 13 | 21 | 16 | 18 | 18 | 15 | **176** |
| **2020-2021** | 14 | 12 | 26 | 18 | 13 | 24 | 28 | 11 | 14 | 16 | 17 | 12 | **205** |
| **2021-2022** | 27 | 19 | 14 | 13 | 28 | 23 | 14 | 17 | 17 | 18 | 12 | 17 | **219** |
| **2022-2023** | 23 | 19 | 26 | 25 | 22 | 16 | 17 | 20 | 20 | 24 | 31 | 14 | **257** |
| **Total** | **69** | **59** | **81** | **71** | **78** | **79** | **72** | **69** | **67** | **76** | **78** | **58** | **857** |

| Year ( March to Feb ) | Month wise Case Resolved Status | | | | | | | | | | | | Total |
|---|---|---|---|---|---|---|---|---|---|---|---|---|---|
| | March | April | May | June | July | Aug | Sept | Oct | Nov | Dec | Jan | Feb | |
| **2019-2020** | 05 | 08 | 15 | 08 | 11 | 13 | 12 | 10 | 12 | 14 | 14 | 12 | **134** |
| **2020-2021** | 08 | 07 | 12 | 08 | 06 | 15 | 19 | 08 | 11 | 10 | 13 | 09 | **126** |
| **2021-2022** | 16 | 12 | 09 | 08 | 16 | 18 | 09 | 08 | 10 | 15 | 08 | 10 | **139** |
| **2022-2023** | 19 | 13 | 21 | 19 | 18 | 13 | 14 | 15 | 14 | 12 | 15 | 09 | **182** |
| **Total** | **48** | **40** | **57** | **43** | **51** | **59** | **54** | **41** | **47** | **51** | **50** | **40** | **581** |




Case Registration Status




Case Resolved Status


# ଏ ବର୍ଷ ପଞ୍ଜିକୃତ ହୋଇଥିବା ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ

(ମାର୍ଚ୍ଚ ୨୦୨୨ ଠାରୁ ଫେବୃୟାରୀ ୨୦୨୩ ପର୍ଯ୍ୟନ୍ତ)

ମହିଳାମାନଙ୍କ ଉପରେ ହେଉଥିବା ହିଂସା ବା ନିର୍ଯ୍ୟାତନାକୁ ରୋକିବା ସଙ୍ଗେ ସଙ୍ଗେ ନିର୍ଯ୍ୟାତିତା ମହିଳାମାନଙ୍କୁ ସହଯୋଗର ହାତ ବଢ଼ାଇବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଖୀ – ୱାନ୍ ଷ୍ଟପ୍ ସେଣ୍ଟର ଏକ ବିଶେଷ ପଦକ୍ଷେପ। ଏହା ଏକ ଏକକ ସହାୟତା କେନ୍ଦ୍ର ଓ ନିର୍ଯ୍ୟାତିତା ମହିଳାମାନଙ୍କ ନିମନ୍ତେ ୨୪ଘଣ୍ଟିଆ କାମ କରିଥାଏ। ନିର୍ଯ୍ୟାତିତା ମହିଳାମାନଙ୍କୁ ଠିକ୍ ସମୟରେ ଉପଯୁକ୍ତ ପରାମର୍ଶ ଦେବା ସହିତ ତା'ର ସମସ୍ୟାକୁ ଉପଯୁକ୍ତ ଭାବେ ଗ୍ରହଣ କରି ତାକୁ ନ୍ୟାୟ ଦେବାରେ ଏହି କେନ୍ଦ୍ର ଏକ ପ୍ରମୁଖଭୂମିକା ଗ୍ରହଣ କରିଛି। ନିମ୍ନରେ ଏ ବର୍ଷରେ 'ସଖୀ' କେନ୍ଦ୍ରରେ ପଞ୍ଜିକୃତ ହୋଇଥିବା ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ ଦିଆଗଲା।

୧. ସମୁଦାୟ ପଞ୍ଜିକୃତ ହୋଇଥିବା ଅଭିଯୋଗ ସଂଖ୍ୟା


| ମାସର ନାମ | ପଞ୍ଜିକୃତ ଅଭିଯୋଗ |
|---|---|
| ମାର୍ଚ୍ଚ | ୨୩ |
| ଏପ୍ରିଲ | ୧୯ |
| ମଇ | ୨୬ |
| ଜୁନ | ୨୫ |
| ଜୁଲାଇ | ୨୨ |
| ଅଗଷ୍ଟ | ୧୬ |
| ସେପ୍ଟେମ୍ବର | ୧୭ |
| ଅକ୍ଟୋବର | ୨୦ |
| ନଭେମ୍ବର | ୨୦ |
| ଡିସେମ୍ବର | ୨୪ |
| ଜାନୁଆରୀ | ୩୧ |
| ଫେବୃୟାରୀ | ୧୪ |
| **ସମୁଦାୟ** | **୨୫୭** |




୨. ପରାମର୍ଶ ମାଧ୍ୟମରେ ସମାଧାନ ହୋଇଥିବା ଅଭିଯୋଗ ସଂଖ୍ୟା


| ମାର୍ଚ୍ଚ | ଏପ୍ରିଲ | ମଇ | ଜୁନ | ଜୁଲାଇ | ଅଗଷ୍ଟ |
|---|---|---|---|---|---|
| ୧୯ | ୧୩ | ୨୧ | ୧୯ | ୧୮ | ୧୩ |

| ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର | ଜାନୁୟାରୀ | ଫେବୃୟାରୀ |
|---|---|---|---|---|---|
| ୧୪ | ୧୫ | ୧୪ | ୧୨ | ୧୫ | ୦୯ |




**୩.** ବିଭିନ୍ନ ପ୍ରକାରର ହିଂସାରେ ପୀଡ଼ିତା ମହିଳାମାନେ ସେମାନଙ୍କ ଅଭିଯୋଗ ନେଇ ଆସିଥାନ୍ତି । ନିମ୍ନରେ ହିଂସାର ପ୍ରକାର ସମ୍ବନ୍ଧୀୟ ପରିସଂଖ୍ୟାନ ଦିଆଗଲା ।

| ହିଂସାର ପ୍ରକାର | ସଂଖ୍ୟା |
|---|---|
| ପାରିବାରିକ ହିଂସା | ୧୮୩ |
| ଦୁଷ୍କର୍ମ | ୦୪ |
| ଯୌନ ନିର୍ଯ୍ୟାତନା | ୦୩ |
| ସାଇବର ଠକେଇ | ୦୧ |
| ଅପହରଣ ଏବଂ ନିରୁଦ୍ଦିଷ୍ଟ | ୧୪ |
| ଯୌତୁକ ନିର୍ଯ୍ୟାତନା | ୦୧ |
| ବାଲ୍ୟ ବିବାହ | ୦୧ |
| ଏସିଡ୍ ଆଟାକ୍ | ୦୧ |
| ଅନ୍ୟାନ୍ୟ | ୧୪ |




**୪.** ନିର୍ଯ୍ୟାତିତା ମହିଳାଟି ଯେତେବେଳେ ସେ ତା'ର ଅଭିଯୋଗ ନେଇ ସଖୀ କେନ୍ଦ୍ରକୁ ଆସିଥାଏ ତାକୁ ତୁରନ୍ତ ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଯୋଗାଇଦେବା ସଙ୍ଗେ ଅଭିଯୋଗଟିର ଶୁଣାଣୀକରି ସେ ଚାହୁଁଥିବା ସହାୟତା ମାନ ଯୋଗାଇ ଦିଆଯାଇଥାଏ । ଏହି ବର୍ଷ ଯୋଗାଇ ଦିଆଯାଇଥିବା ବିଭିନ୍ନ ସହାୟତା ସମ୍ବନ୍ଧୀୟ ପରିସଂଖ୍ୟାନ ର ସଂଖ୍ୟା ନିମ୍ନରେ ଦିଆଯାଇଛି ।

| ସହଯୋଗର ନାମ | ସଂଖ୍ୟା |
|---|---|
| ଆଇନଗତ ସହାୟତା | ୪୫ |
| ଡାକ୍ତରୀ ଚିକିତ୍ସା ସମ୍ବନ୍ଧୀୟ ସୁବିଧା | ୩୭ |
| ସ୍ୱାଧାର ଗୃହରେ ରହିବାର ବ୍ୟବସ୍ଥା | ୫୯ |
| ପୋଲିସ ସହାୟତା | ୮୮ |
| ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ | ୨୫୭ |
| ଅନ୍ୟାନ୍ୟ | ୦୯ |





**୫.** ସମସ୍ତଙ୍କର ଧାରଣା ଯେ, କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳାମାନେ ଅଧିକାଂଶ କ୍ଷେତ୍ରରେ ନିର୍ଯ୍ୟାତନାର ଶିକାର ହୋଇଥାନ୍ତି କିନ୍ତୁ ଏଠାରେ ଦେଖାଯାଇଛି ଯେ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ମହିଳାମାନେ ନିର୍ଯ୍ୟାତନାର ଶିକାର ହେଉଛନ୍ତି । ସେହି ବର୍ଗରୁ କେତେଜଣ ମହିଳା ସେମାନଙ୍କର ଅଭିଯୋଗ ନେଇ ଆସିଛନ୍ତି ସେ ସମ୍ବନ୍ଧୀୟ ପରିସଂଖ୍ୟାନ ନିମ୍ନରେ ଦିଆଗଲା ।

| ଯୋଗ୍ୟତା | ସଂଖ୍ୟା |
|---|---|
| କିଛି ପଢି ଲେଖି ଜାଣି ନାହାଁନ୍ତି | ୩୧ |
| କେବଳ ଦସ୍ତଖତ ଜାଣନ୍ତି | ୦୩ |
| ପ୍ରାଥମିକ | ୩୩ |
| ମାଧ୍ୟମିକ | ୫୪ |
| ଇ ର ମିଡିଏଟ୍ | ୩୬ |
| ସ୍ନାତକ | ୫୧ |
| ସ୍ନାତକୋତ୍ତର | ୧୪ |
| ବୃ ିଗତ ପେଷା | ୦୫ |

| ବର୍ଗ | ସଂଖ୍ୟା |
|---|---|
| ସାଧାରଣ | ୧୨୨ |
| ଓ.ବି.ସି | ୨୯ |
| ଅନୁସୂଚିତ ଜାତି | ୫୩ |
| ଅନୁସୂଚିତ ଜନଜାତି | ୨୯ |
| ଖ୍ରୀଷ୍ଟିୟାନ | ୦୩ |
| ମୁସ୍‌ଲିମ | ୨୧ |


୬. ଏହି କେନ୍ଦ୍ରକୁ ଅଭିଯୋଗ ନେଇ ଆସୁଥିବା ଅନେକ ମହିଳା ବିଭିନ୍ନ ମାଧ୍ୟମରେ ଆସିଥାନ୍ତି । ମୋଟ ଆସିଥିବା ୨ ୧ ୯ ଜଣ ମହିଳାଙ୍କ ମଧ୍ୟରୁ କିଏ କାହା ମାଧ୍ୟମରେ ବା କେଉଁମାନେ ଏହି ମହିଳାମାନଙ୍କୁ ଏଠାକୁ ପଠାଇଥିବାରେ ସାହାଯ୍ୟ କରିଛନ୍ତି ନିମ୍ନରେ ତା'ର ଏକ ପରିସଂଖ୍ୟାନ ଦିଆଗଲା –

| ମହିଳାମାନଙ୍କୁ ପଠାଇ ଥିବା ସଂସ୍ଥାର ନାମ | ସଂଖ୍ୟା |
|---|---|
| ପୋଲିସ୍ | ୧୦୧ |
| ସ୍ୱେଚ୍ଛାସେବୀ ଅନୁଷ୍ଠାନ / ସାମାଜିକ କର୍ମୀ | ୧୫ |
| ୧୮୧ ମହିଳା ହେଲ୍ପଲାଇନ୍ | ୫୯ |
| ସୁରକ୍ଷା ଅଧିକାରୀ | ୦୨ |
| ଅନ୍ୟ ଜିଲ୍ଲା ୱାନ୍ଷ୍ଟପ୍ ସେ  ର | ୧୧ |
| ଡାକ୍ତର | ୧୦ |
| ଗଣମାଧ୍ୟମ | ୦୪ |
| ମହିଳାଟି ନିଜେ ଆସିଛି | ୩୩ |
| ପୂର୍ବ ପୀଡ଼ିତା | ୦୬ |
| ଅନ୍ୟ | ୧୬ |




୭. ନିମ୍ନରେ କେଉଁ ବୟସର କେତେ ଜଣ ସେମାନଙ୍କର ଅଭିଯୋଗ ପଞ୍ଜୀକୃତ କରିଛନ୍ତି ତାହାର ତଥ୍ୟ ଦିଆଗଲା ।

| ବୟସ | ସଂଖ୍ୟା |
|---|---|
| ୧୮ରୁ କମ୍ ବୟସ | ୧୪ |
| ୧୯ରୁ ୩୫ ବର୍ଷ ମଧ୍ୟରେ | ୧୮୦ |
| ୩୬ରୁ ୬୦ବର୍ଷ ମଧ୍ୟରେ | ୫୨ |
| ୬୦ ବର୍ଷରୁ ଅଧିକ | ୧୧ |




ଅଭିଯୋଗ ନେଇ ଆସୁଥିବା ମହିଳାକୁ ସବୁପ୍ରକାର ସହାୟତା ସଖୀ ତରଫରୁ ଯୋଗାଇ ଦିଆଯାଇଥାଏ । ଗୃହ ପରିଦର୍ଶନ ମାଧ୍ୟମରେ ସଖୀରେ କାର୍ଯ୍ୟରତ କେସ୍ ୱାର୍କରମାନେ ଉଭୟପକ୍ଷର ଜଡିତ ବ୍ୟକ୍ତିବିଶେଷଙ୍କୁ ଅନୁଧ୍ୟାନ କରିପାରନ୍ତି । ସମସ୍ୟାର ସମାଧାନ ପରେ ମହିଳାଟି କିପରି ଅଛି ତା ପରିବାରର ଲୋକମାନଙ୍କର ତା ପ୍ରତିଥିବା ବ୍ୟବହାର କିଭଳି ପରିବ ର୍ତ୍ତନ ହୋଇଛି ଏସବୁ ଅନୁଧ୍ୟାନ କରିବାପାଇଁ କେସ୍ ୱାର୍କରମାନଙ୍କୁ ମହିଳାଟିର ଘରକୁ ଯିବାକୁ ପଡିଥାଏ । ଗୃହ ପରିଦର୍ଶନ ବେଳେ ସ୍ଥାନୀୟ ପୋଲିସ୍, ୱାର୍ଡମେୟର ବା ସେହି ଅ  ଳର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଯାଇଥାଏ ।

# ବିଭିନ୍ନ ଥାନାରୁ ଆସିଥିବା କେସ୍ ସଂଖ୍ୟା

| କ୍ର.ସଂ. | ପୋଲିସ ଥାନା | ବର୍ଷ | | | | |
|---|---|---|---|---|---|---|
| | | ୨୦୧୯-୨୦୨୦ | ୨୦୨୦-୨୦୨୧ | ୨୦୨୧-୨୦୨୨ | ୨୦୨୨-୨୦୨୩ | ମୋଟ |
| ୦୧ | ଆଠଗଡ଼ | ୦୨ | | | ୦୨ | **୦୪** |
| ୦୨. | ବାଦାମବାଡ଼ି | - | ୦୧ | ୦୨ | ୧୫ | **୧୮** |
| ୦୩ | ବୈଦେଶ୍ୱର | - | - | - | - | - |
| ୦୪. | ବାଙ୍କୀ | - | - | - | - | - |
| ୦୫. | ବଡ଼ମ୍ବା | - | - | - | - | - |
| ୦୬. | ବାରଙ୍ଗ | | | | ୦୧ | **୦୧** |
| ୦୭. | ବିଡ଼ାନାସୀ | - | - | - | - | - |
| ୦୮. | କ୍ୟାଣ୍ଟନମେଣ୍ଟ | - | - | - | - | - |
| ୦୯. | ସିଡିଏ ଫେଜ୍ ୨ | - | ୦୧ | - | - | **୦୧** |
| ୧୦. | ଚାଉଳିଆଗଞ୍ଜ | - | - | - | ୦୧ | **୦୧** |
| ୧୧. | ଚୌଦ୍ୱାର | - | | ୦୧ | | **୦୧** |
| ୧୨. | ଦରଘାବଜାର | - | ୦୧ | ୦୧ | ୦୧ | **୦୩** |
| ୧୩. | ଗୋବିନ୍ଦପୁର | - | - | - | - | - |
| ୧୪. | ଜିଆରପିଏଫ୍ | ୦୧ | ୦୧ | ୦୧ | - | **୦୩** |
| ୧୫. | ଗୁରୁଡିଝାଟିଆ | - | - | ୦୧ | - | **୦୧** |
| ୧୬. | ଜଗତପୁର | - | - | ୦୬ | ୦୪ | **୧୦** |
| ୧୭. | କନ୍ଦରପୁର | - | - | - | - | - |
| ୧୮. | କାନପୁର | - | - | - | - | - |
| ୧୯. | ଖୁଣ୍ଟୁଣି | - | - | ୦୨ | ୦୭ | **୦୯** |
| ୨୦. | କିଶୋରନଗର | - | - | - | ୦୧ | **୦୧** |
| ୨୧. | ଲାଲ୍‌ବାଗ | ୦୧ | - | - | ୦୧ | **୦୨** |
| ୨୨ | ମଧୁପାଟଣା | - | - | ୦୨ | ୦୪ | **୦୬** |
| ୨୩. | ମାହାଙ୍ଗା | - | - | - | - | - |
| ୨୪ | ମହିଳା | ୮୫ | ୫୬ | ୪୦ | ୪୦ | **୨୨୧** |
| ୨୫ | ମାଲ୍‌ଗୋଦାମ | - | - | - | - | - |
| ୨୬ | ମଙ୍ଗଳାବାଗ | ୦୩ | ୦୧ | ୦୮ | ୦୭ | **୧୯** |
| ୨୭. | ମର୍କତନଗର | - | - | ୦୧ | ୦୧ | **୦୨** |
| ୨୮. | ନରସିଂହପୁର | - | - | ୦୨ | - | **୦୨** |
| ୨୯. | ନେମାଳ | - | - | - | ୦୧ | **୦୧** |
| ୩୦ | ନିଆଳି | - | - | - | - | - |
| ୩୧ | ନିଶ୍ଚିନ୍ତକୋଇଲି | - | - | ୦୪ | ୦୫ | **୦୯** |
| ୩୨. | ଓଲଟପୁର | - | - | - | ୦୧ | **୦୧** |
| ୩୩ | ପୁରୀଘାଟ | - | - | ୦୧ | - | **୦୧** |
| ୩୪ | ସଦର | - | - | - | ୦୩ | **୦୩** |
| ୩୫ | ସାଲିପୁର | ୦୧ | - | ୦୧ | ୦୧ | **୦୩** |
| ୩୬ | ଟାଙ୍ଗି | - | - | ୦୧ | ୦୧ | **୦୨** |
| ୩୭ | ତିଗିରିଆ | - | - | - | - | - |
| ୩୮ | ୪୨ ମୌଜା | - | - | - | - | - |
| ୩୯ | ଅନ୍ୟ ଥାନା (ଜିଲ୍ଲା ବାହାର) | ୦୧ | ୦୧ | - | ୦୨ | **୦୪** |
| | **ମୋଟ** | **୯୪** | **୬୨** | **୭୪** | **୯୯** | **୩୨୯** |

## ମତାମତ



ହରପ୍ରିୟା ପରିଡ଼ା ଓ ତାଙ୍କ ପରିବାର

ମୋ ଶାଶୁଘର ଲୋକେ ମୋ ସ୍ୱାମୀଙ୍କୁ ସବୁବେଳେ ମୋ ବିରୁଦ୍ଧରେ କୁଶିକ୍ଷା ଦେଉଥିଲେ। ତେଣୁ ସେ ମତେ ଆଦୌ ଭଲ ପାଉ ନଥିଲେ। ଛୋଟ ଛୋଟ କଥାରେ ଖରାପ କରି କୁହନ୍ତି। ଶାଶୁ, ଶଶୁର ଓ ନଣନ୍ଦ ମତେ ଖାଇବାକୁ ଦିଅନ୍ତି ନାହିଁ। ଏପରି କି ମତେ କଣ ଖାଇବାକୁ ଦେଇଦେବାରୁ ମୋ ଗର୍ଭ ନଷ୍ଟହେଇଗଲା। ମୋ ସ୍ୱାମୀ ମତେ ସିଧା ସିଧା କହିଦେଲେ ଯେ ସେ ମତେ ଆଉ ରଖିବେ ନାହିଁ। ଅତ୍ୟାଚାର ଅସହ୍ୟ ହେବାରୁ ମୁଁ ନିରୁପାୟ ହେଇ ମହିଳା ଥାନାର ଆଶ୍ରୟ ନେଲି। ମହିଳାଥାନାରେ ମୋ ସ୍ୱାମୀ, ଶାଶୁ ଓ ନଣନ୍ଦ ନାଁରେ କେସ୍ କରିବାକୁ ଚାହିଁଲି।

ସେଠାରୁ ମତେ ସଖୀ ସେଣ୍ଟରକୁ ପଠେଇ ଦେଲେ। ସଖୀର ମାଡାମ୍ ମତେ ବୁଝେଇବାରୁ ମୋ ମନରେ ଆଶାର ସଂଚାର ହେଲା। ମୋ ସ୍ୱାମୀଙ୍କୁ ଡାକି ବୁଝେଇବେ ବୋଲି କହିଲେ ଏବଂ କିଛିଦିନ ପରେ ଆମ ସ୍ୱାମୀ ସ୍ତ୍ରୀଙ୍କୁ ଏକାଠି ବସେଇ ବୁଝାଇଲେ। ମୋ ସ୍ୱାମୀ କହିଲେ ଯେ ସେ ତାଙ୍କ ପରିବାର ସହ କଥା ହେବେ। ଆଉ କିଛି ଦିନ ପରେ ମୋ ଶାଶୁ ଓ ନଣନ୍ଦକୁ ମଧ୍ୟ 'ସଖୀ' କୁ ଡକାଯାଇଥିଲା। ଏଠାରେ ସଖୀ ମାଡାମ ଆମ ସମସ୍ତଙ୍କ କଥା ଶୁଣିଲେ। ଆମ ଘରେ ହେଉଥିବା ସମସ୍ୟାର ସମାଧାନର ବାଟ ମଧ୍ୟ ବତେଇଲେ। ସେହିଦିନୁ ଆମ ଘରେ ଏତେ ଝଗଡ଼ା ହେଉନାହିଁ। ମୋ ସ୍ୱାମୀ ମତେ ବହୁତ୍ ଭଲ ପାଉଛନ୍ତି। ସଖୀ ସେଣ୍ଟରର ସହଯୋଗ ଫଳରେ ମୁଁ ଶାଶୁଘରେ ମୋ ସମ୍ମାନ ଫେରି ପାଇଲି। ସେଥିପାଇଁ ମୁଁ ସଖୀ ସେଣ୍ଟରର ସମସ୍ତ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଉଛି।



ରାଜଶ୍ରୀ ମହାକୁଡ଼ ଓ ପରିବାର

ମୁଁ ଭଲପାଇ ତନେଶ୍ୱରଙ୍କୁ ବିବାହ କରିଥିଲି। ବାହାଘର ବେଳେ ମୋ ବୟସ ବି ବହୁତ୍ କମ୍ ଥିଲା। ଟିକେ ଟିକେ କଥାରେ ମୋ ଶାଶୁ ମତେ ଖରାପ ଭାଷା କହନ୍ତି। ସ୍ୱାମୀ ବି କିଛି ନ ବୁଝି ମତେ ମାଡ଼ ଦିଅନ୍ତି। ନିଜ ଇଚ୍ଛାରେ ବାହା ହୋଇଥିଲି ବୋଲି ବାପଘର ଲୋକେ ବି ସମ୍ପର୍କ କାଟିଦେଲେ। କାହାକୁ ମୋ ଦୁଃଖ କହିବି। ସ୍ୱାମୀ ତ ନିଜର ହେଲାନାହିଁ। ପାଠ ବି ପଢ଼ିନି ଯେ କୁଆଡ଼େ ଯାଇ କିଛି କାମ କରିବି। ଏମିତି ଦୁଶ୍ଚିନ୍ତା ଭିତରେ ମୋ ଦିନ କଟୁଥାଏ। ସ୍ୱାମୀ ଓ ଶାଶୁଙ୍କ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଅସହ୍ୟ ହେବାରୁ ମୁଁ ଘର ଛାଡ଼ି ଚାଲି ଆସିଲି। ଠାକୁରମୁଣ୍ଡାରୁ ଆସି କଟକରେ ପହଞ୍ଚି ଜଣେ ବାବୁଙ୍କ ଘରେ ରହି କାମ କରୁଥିଲି। ସେଠାରୁ ମଧୁପାଟଣା ପୋଲିସ ମତେ ଉଦ୍ଧାର କରି ସଖୀ ସେଣ୍ଟରରେ ଆସି ଛାଡ଼ିଲେ।

ଏଠାରେ ମତେ ସଙ୍ଗେ ସଙ୍ଗେ ଖାଇବାକୁ ଦିଆଯିବା ସହ ନୂଆ ପୋଷାକ ବି ଦିଆଗଲା। ମୋର ରହିବା ପାଇଁ ସବୁ ବ୍ୟବସ୍ଥା କରିଦେଲେ। ସଖୀ ସେଣ୍ଟରର ପରାମର୍ଶଦାତ୍ରୀମାନେ ମତେ ବୁଝାଇଲେ। ତାଙ୍କୁ ମୁଁ ସବୁ କଥା କହିଲି। ଏମିତି ଘରେ ଅଶାନ୍ତି ପାଇଁ ମୁଁ ଆଗରୁ ମଧ୍ୟ ଦୁଇଥର ଘର ଛାଡ଼ି ଚାଲି ଆସିଥିଲି। ମୋ ସ୍ୱାମୀ ଆସି ମତେ ବୁଝେଇଲା ପରେ ମୁଁ ଫେରିଯାଏ। ତା' ପରଦିନ ସକାଳେ ମୋ ସ୍ୱାମୀ ଓ ଠାକୁରମୁଣ୍ଡା ଥାନା ପୋଲିସ୍‌ଙ୍କୁ ସଖୀ ସେଣ୍ଟରକୁ ଡକାଗଲା। ତାଙ୍କୁ ମଧ୍ୟ ସଖୀର ପରାମର୍ଶଦାତ୍ରୀ ବୁଝେଇବା ପରେ ସେ ନିଜ ଭୁଲ୍ ବୁଝିଲେ। ମୁଁ ଆଉ କେବେ ଘର ଛାଡ଼ି ଆସିବି ନାହିଁ ବୋଲି କଥା ଦେଲି। ଠାକୁରମୁଣ୍ଡା ପୋଲିସଙ୍କ ସାଙ୍ଗରେ ମୋ ସ୍ୱାମୀଙ୍କ ସହ ଏକ ଲିଖିତ ଚୁକ୍ତିନାମା ପରେ ମୁଁ ଶାଶୁଘରକୁ ଫେରିଲି। ମୁଁ ମୋ ସ୍ୱାମୀ ଓ ଶାଶୁଙ୍କ ସହ ଖୁବ୍ ଭଲରେ ଅଛି। ସଖୀ ସେଣ୍ଟରର ପରାମର୍ଶ ଅନୁସାରେ ଆମେ ସମସ୍ତେ ମିଳିମିଶି ରହୁଛୁ।

# ସଫଳ କାହାଣୀ

**ନିମ୍ନରେ କେତେକ ପୀଡ଼ିତା ମହିଳାଙ୍କ ସଫଳ କାହାଣୀ ଦିଆଯାଇଛି । ସେମାନଙ୍କର ପ୍ରକୃତ ନାମ ଓ ଠିକଣା ବ୍ୟବହାର କରିବା ପରିବର୍ତ୍ତେ ଛଦ୍ମନାମ ବ୍ୟବହାର କରାଯାଇଛି ।**

## ସଫଳ ଦାମ୍ପତ୍ୟର ସୂତ୍ରଧର

ସସ୍ମିତା ଓ ରମେଶ ପରସ୍ପରକୁ ପ୍ରେମ ବିବାହ କରିଥିଲେ । ସସ୍ମିତା ଦୁଇଟି ସନ୍ତାନର ଜନନୀ ମଧ୍ୟ ହୋଇଥିଲେ । କିନ୍ତୁ ରମେଶ ବେରୋଜଗାର ଥିବାରୁ ସ୍ତ୍ରୀ ଓ ଛୁଆଙ୍କର ଯତ୍ନ ନେବାରେ ଅକ୍ଷମ ଥିଲେ । ତା ସହ ନିଶାଦ୍ରବ୍ୟ ସେବନ ମଧ୍ୟ କରୁଥିଲେ । ତେଣୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ କଳହ ଲାଗି ରହୁଥିଲା । ସସ୍ମିତା ରମେଶଙ୍କୁ କିଛି କାମ କରିବାକୁ କହିଲେ ରମେଶ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିଲେ । କଥା କଥାକେ ଘର ଛାଡ଼ି ଚାଲିଯା ବୋଲି କହୁଥିଲେ । ଅତିଶୟ ହେବାରୁ ସସ୍ମିତା ଆଉ ସହି ନ ପାରି ଘର ଛାଡ଼ିବାକୁ ବାଧ୍ୟ ହେଲେ । ସେ ଗଞ୍ଜାମରୁ ଟ୍ରେନରେ ଆସି ଭୁବନେଶ୍ୱର ଷ୍ଟେସନରେ ପହଞ୍ଚିଲେ । ହେଲେ କୁଆଡ଼େ ଯିବେ ବାଟ ଜାଣି ନ ପାରି ବ୍ୟସ୍ତ ହୋଇ କାନ୍ଦିବାରେ ଲାଗିଲେ । ରେଲୱେ ପୋଲିସ୍ ଓ ୧୮୧ ହେଲ୍ପ ଲାଇନକୁ ଯୋଗାଯୋଗ କରିବା ପରେ ସସ୍ମିତାଙ୍କୁ 'ସଖୀ' ସେଣ୍ଟରକୁ ପଠେଇ ଦେଲେ ।

ସଖୀରେ ପହଞ୍ଚିବା ସମୟରେ ସସ୍ମିତା ବହୁତ୍ ଭୟଭୀତ ଥିଲେ । ସ୍ୱାମୀ ଓ ଛୁଆଙ୍କୁ ଛାଡ଼ି ଆସିଥିବାରୁ ଚିନ୍ତାରେ ମଧ୍ୟ ଥିଲେ । 'ସଖୀ'ରେ ତାଙ୍କୁ ରହିବା, ଖାଇବାର ବ୍ୟବସ୍ଥା ସହ ନୂଆ ପୋଷାକ ମଧ୍ୟ ଦିଆଗଲା । ମନସ୍ତାତ୍ତ୍ୱିକ ପରାମର୍ଶ ପରେ ସସ୍ମିତା ସାଧାରଣ ସ୍ଥିତିକୁ ଫେରିଲେ । ତାଙ୍କ ସହିତ ହୋଇଥିବା ଅତ୍ୟାଚାର ବିଷୟରେ ସଖୀ ପରାମର୍ଶଦାତ୍ରୀଙ୍କୁ କହିଲେ । ପରାମର୍ଶଦାତ୍ରୀ ତାଙ୍କୁ ବୁଝେଇବା ପରେ ସେ ସ୍ୱାମୀ ଓ ଛୁଆଙ୍କ ପାଖକୁ ଫେରି ଯିବାକୁ ଚାହିଁଲେ । ତେଣୁ ସସ୍ମିତାଙ୍କ ସ୍ୱାମୀ ରମେଶଙ୍କୁ 'ସଖୀ' ସେଣ୍ଟରକୁ ଡକା ଯାଇଥିଲା । ଉଭୟଙ୍କୁ ମନସ୍ତାତ୍ତ୍ୱିକ ଯୁଗ୍ମ ପରାମର୍ଶ ଦିଆଗଲା । ଦୁହେଁ ନିଜ ନିଜର ଭୁଲ ବୁଝିପାରିଲେ । ରମେଶ ସସ୍ମିତାଙ୍କ ପ୍ରତି ଅନ୍ୟାୟ କରିଥିବା ସ୍ୱୀକାର କଲେ । ସେ କିଛି କାମ କରି ସସ୍ମିତା ଓ ପିଲାମାନଙ୍କ ଦାୟିତ୍ୱ ନେବେ ବୋଲି କଥା ଦେଲେ । ସସ୍ମିତା ଓ ରମେଶ ଖୁସିରେ ଘର ସଂସାର କରିବାର ସଂକଳ୍ପ ନେଇ 'ସଖୀ' ସେଣ୍ଟରରୁ ବିଦାୟ ନେଲେ । 'ସଖୀ'ର ହସ୍ତକ୍ଷେପ ଫଳରେ ସସ୍ମିତାଙ୍କ ପରିବାର ଆଉ ଥରେ ଯୋଡ଼ି ହୋଇପାରିଲା ।

## ଆଉ ଥରେ ହସିଲା ସଂସାର

ପିଲାଟି ବେଳୁ ମାଆକୁ ହରେଇ ଥିବା ଫାତିମା ନିଜ ବାପା ଓ ସାବତ ମାଆର ଅତ୍ୟାଚାରରେ ଅତିଷ୍ଠ ହୋଇ ପଡ଼ିଥିଲା । ତଥାପି ପାଠ ପଢ଼ି ବଡ଼ ମଣିଷ ହେବାର ସ୍ୱପ୍ନ ଦେଖିଥିଲା ସେ ଓ ଭଲ ଚାକିରୀଟିଏ ମଧ୍ୟ କରି ପାରିଥିଲା । ଉପଯୁକ୍ତ ବୟସରେ ସହରର ଜଣେ ନାମୀ ବ୍ୟବସାୟୀଙ୍କୁ ବିବାହ କରିଥିଲା ଫାତିମା । କାଳକ୍ରମେ ଏକ କନ୍ୟା ସନ୍ତାନର ମାତୃତ୍ୱ ମଧ୍ୟ ଲଭିଥିଲା । ହେଲେ ଫାତିମାର ବୈବାହିକ ସମ୍ପର୍କ ଏତେ ଭଲ ନଥିଲା । ସ୍ୱାମୀଙ୍କର ତା' ପ୍ରତି ମାନସିକ ନିର୍ଯାତନା ସାଙ୍ଗକୁ ସାବତ ମାଆ ଓ ବାପାଙ୍କ ବ୍ୟବହାର ଫାତିମାକୁ ଶକ୍ତ ମାନସିକ ଆଗାତ ଦେଇଥିଲା । ସମୟ ଏମିତି ଆସିଲା ଯେ ତାର ବାପା ଓ ସ୍ୱାମୀଙ୍କ ଦ୍ୱାରା ଏସ୍.ସି.ବି. ମେଡିକାଲ ମାନସିକ ବିଭାଗରେ ଚିକିତ୍ସା ପାଇଁ ଭର୍ତ୍ତି ହେଲା ଫାତିମା । ହେଲେ ଫାତିମାର ମାନସିକ ସ୍ଥିତିରେ ଉନ୍ନତି ନ ହେବାରୁ ତା ଦାୟିତ୍ୱରେ ଥିବା ଡାକ୍ତର 'ସଖୀ'ର ପରାମର୍ଶ ଲୋଡ଼ିଲେ ।

ଫାତିମାକୁ 'ସଖୀ' ସେଣ୍ଟର୍‌ରେ ମନସ୍ତାତ୍ତ୍ୱିକ ପରାମର୍ଶ ଦିଆଗଲା । ତା' ସହ ତା'ର ଉପଯୁକ୍ତ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରାଗଲା । ସେ ପରାମର୍ଶଦାତ୍ରୀଙ୍କୁ ତା' ଉପରେ ହୋଇଥିବା ନିର୍ଯ୍ୟାତନା ବିଷୟରେ ଜଣାଇବା ପରେ 'ସଖୀ' ଫତିମାର ସ୍ୱାମୀ ଓ ବାପାଙ୍କୁ ସେଣ୍ଟରକୁ ଡାକି ବୁଝାଇବାକୁ ଚେଷ୍ଟା କଲା । ଫାତିମାର ବାପା ଓ ସ୍ୱାମୀ ତାକୁ ସାଙ୍ଗରେ ନେବାକୁ ମନା କରିବାରୁ ସେଲ୍ଟର ହୋମ୍‌କୁ ଯୋଗାଯୋଗ କରାଯାଇଥିଲା । 'ମମତା' ସେଲ୍ଟର ହୋମରେ ଫାତିମା ରହିଲେ । ଏହା ମଧ୍ୟରେ 'ସଖୀ' ଫାତିମାକୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ଆଇନ୍‌ର ସାହାଯ୍ୟ ନେଲା । ଯୁଗ୍ମ ପରାମର୍ଶ ପାଇଁ ଫାତିମାର ସ୍ୱାମୀଙ୍କୁ ଆଉ ଥରେ ସେଣ୍ଟରକୁ ଡକା ଯାଇଥିଲା । ପରାମର୍ଶ ପରେ ଫାତିମାର ସ୍ୱାମୀ ତାକୁ ସାଙ୍ଗରେ ରଖିବାକୁ ରାଜିହେଲେ । ସ୍ଥାନୀୟ ପୋଲିସ୍‌ର ସହାୟତାରେ ସଖୀ ଫାତିମାକୁ ନେଇ ତା ସ୍ୱାମୀ ଓ ଝିଅ ପାଖରେ ଛାଡ଼ିଲେ । ଫାତିମା ଏବେ ଶାରୀରିକ ଓ ମାନସିକ ଭାବରେ ସମ୍ପୂର୍ଣ୍ଣ ସୁସ୍ଥ । 'ସଖୀ' ସେଣ୍ଟରର ସାହାଯ୍ୟ ଓ ସହଯୋଗ ଫଳରେ ଫାତିମାର ସଂସାର ପୁଣି ଥରେ ହସି ଉଠିଲା ।

## ଅନ୍ୟାୟର ଅନ୍ତ ହେଲା

୮୦ ବର୍ଷୀୟା ବୃଦ୍ଧା ମମତା ନିଜ ଘରେ ଏକା ରହୁଥିଲେ । ସାହି ପଡ଼ିଶାଙ୍କ ସାହାଯ୍ୟ ସହଯୋଗରୁ ସେ ଯେମିତି ସେମିତି ଚଳି ଯାଉଥିଲେ । ଦିନେ ସନ୍ଧ୍ୟା ସମୟରେ ମମତାଙ୍କ ଘର ଅନ୍ଧାର ଥିବା ଦେଖି ପଡ଼ୋଶୀ ଲତିକା ଘର ଭିତରକୁ ଆସି ଦେଖନ୍ତି ତ ମମତା ସଂଜ୍ଞାହୀନ ଅବସ୍ଥାରେ ପଡ଼ିଛନ୍ତି । ତାଙ୍କୁ ପ୍ରକୃତିସ୍ଥ କରି ପଚାରିବାରୁ ସେ କହିଲେ ଯେ କୌଣସି ଜଣେ ଦୃର୍ବୃତ୍ତ ତାଙ୍କ ସହ ବଳାତ୍କାର କରିଛି । ମମତା ବହୁତ୍ ଭୟଭୀତ ହୋଇ ଯାଇଥିଲେ । ଲତିକା ଓ କିଛି ସ୍ଥାନୀୟ ଲୋକଙ୍କ ସହାୟତାରେ ମମତା ପୋଲିସ ଥାନାରେ ପହଞ୍ଚିଲେ । ରିପୋର୍ଟ ଲେଖାଯିବା ପରେ ପୋଲିସ ସେହି ରାତିରେ ମମତାଙ୍କୁ ଆଣି 'ସଖୀ' ସେଣ୍ଟର୍‌ରେ ଛାଡ଼ିଥିଲେ ।

'ସଖୀ'ରେ ପହଞ୍ଚିବା ସମୟରେ ମମତାଙ୍କ ଶାରୀରିକ ଓ ମାନସିକ ସ୍ଥିତି ଠିକ୍ ନଥିଲା । ତାଙ୍କୁ ଖାଦ୍ୟ ଓ ପୋଷାକ ଦିଆଯିବା ସହ ସେଣ୍ଟରରେ ତାଙ୍କ ରହିବାର ସମସ୍ତ ବ୍ୟବସ୍ଥା କରାଯାଇଥିଲା । ସେ ବହୁତ୍ ଭୟଭୀତ ଥିଲେ । ଏପରିକି କିଛି ବି କଥା ହେବାର ସାମର୍ଥ୍ୟ ତାଙ୍କ ପାଖରେ ନଥିଲା । ପରାମର୍ଶ ଦିଆଯିବା ପରେ ମମତା ଧୀରେ ଧୀରେ ସାଧାରଣ ସ୍ଥିତିକୁ ଆସିଲେ । ସେଦିନ ରାତିରେ ହେଇଥିବା ଦୁର୍ଘଟଣା ବିଷୟରେ 'ସଖୀ' ପରାମର୍ଶଦାତ୍ରୀଙ୍କୁ କହିଲେ । ଏଫ୍.ଏମ୍.ଟି. ପରୀକ୍ଷା ପରେ ଏସ୍.ସି.ବି. ମେଡିକାଲ ମାନସିକ ବିଭାଗ ଡାକ୍ତରଙ୍କ ପରାମର୍ଶକ୍ରମେ ମମତାଙ୍କୁ 'ସଖୀ'ର ତତ୍ତ୍ୱାବଧାନରେ ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଗଲା । ସ୍ଥାନୀୟ ପୋଲିସକୁ ସଖୀ ଯୋଗାଯୋଗ କରିବା ପରେ ମମତାଙ୍କ ବଳାତ୍କାରୀକୁ ପୋଲିସ୍ ଖୁବ୍ ଶୀଘ୍ର ଧରିବାରେ ସକ୍ଷମ ହେଲା । ସେ ଥିଲା ଜଣେ ଅସାମାଜିକ ଯୁବକ ଯିଏ କି ରାତ୍ରିର ଅନ୍ଧକାର ଓ ମମତାଙ୍କୁ ଏକାଥିବାର ସୁଯୋଗ ନେଇ ଏପରି କାଣ୍ଡ ଭିଆଇଥିଲା । ମମତା ଏବେ ସମ୍ପୂର୍ଣ୍ଣ ସୁସ୍ଥ । ସେ ରାତିରେ ତାଙ୍କ ସହ ହୋଇଥିବା ଅଘଟଣକୁ ସେ ଧୀରେ ଧୀରେ ଭୁଲିବାକୁ ଚେଷ୍ଟା କରୁଛନ୍ତି । ଏଥିପାଇଁ ସଖୀ ପରାମର୍ଶଦାତ୍ରୀ ତାଙ୍କୁ ସହଯୋଗ କରୁଛନ୍ତି 'ସଖୀ'ର ସହଯୋଗ ଫଳରେ ମମତାଙ୍କ ଦୋଷୀକୁ ଦଣ୍ଡ ଦିଆଯାଇ ପାରିଲା । ଆଉ ଥରେ ଅନ୍ୟାୟର ପରାଜୟ ଘଟିଲା ।

## ଶେଷରେ ସୂର୍ଯ୍ୟୋଦୟ ହେଲା

ଆଦିବାସୀ ଯୁବତୀ ଲଳିତା ୧୧୨ ହେଲ୍ପଲାଇନ୍ ଦ୍ୱାରା ଉଦ୍ଧାର ହୋଇ 'ସଖୀ' ସେଣ୍ଟରରେ ଆସି ପହଞ୍ଚିଲେ । ସେ ସମୟରେ ସେ ୮ ମାସର ଗର୍ଭବତୀ ଥିଲେ । ତାଙ୍କର ସ୍ୱାସ୍ଥ୍ୟ ମଧ୍ୟ ଠିକ୍ ନଥିଲା । ମାନସିକ ଓ ଶାରିରୀକ ସ୍ତରରେ ଦୁର୍ବଳ ହୋଇ ପଡ଼ିଥିଲେ ସେ । 'ସଖୀ' ସେଣ୍ଟରରେ ଲଳିତାଙ୍କ ରହିବାର ବ୍ୟବସ୍ଥା କରାଗଲା । ଖାଦ୍ୟ ଓ ପୋଷାକ ଦିଆଯିବା ସହ ଉପଯୁକ୍ତ ଚିକିତ୍ସା ମଧ୍ୟ କରାଗଲା । ଲଳିତାଙ୍କ ଭାଷା ବୁଝି ହେଉ ନ ଥିଲା । ତାଙ୍କ ଡାହାଣ ହାତରେ ତାଙ୍କର ନାମ ଓ ଠିକଣା - କେଉଁଝର, ଲଳିତା ଖୋଦିତ ହେଇଥିଲା । ମନସ୍ତାତ୍ତ୍ୱିକ ପରାମର୍ଶ ପରେ ଲଳିତାଙ୍କ ଭାଷା ବହୁ କଷ୍ଟରେ ବୁଝାପଡ଼ିଲା । କେଉଁଝରସ୍ଥିତ ଶାଶୁଘରେ ସ୍ୱାମୀ ଓ ଶାଶୁ ଘର ଲୋକଙ୍କ ଅତ୍ୟାଚାର ସହି ନ ପାରି ଘର ଛାଡ଼ି ଚାଲିଆସି ଥିଲେ ଲଳିତା । କଟକରେ ଜଣେ ବ୍ୟକ୍ତିଙ୍କ ଘରେ ରହି କାମ କରୁଥିଲେ । ହେଲେ ସେଠାରେ ମଧ୍ୟ ଶାରିରୀକ ଓ ମାନସିକ ନିର୍ଯ୍ୟାତନାର ଶିକାର ହେଇଥିଲେ ସେ । ନିର୍ଯ୍ୟାତନା ଅସହ୍ୟ ହେବାରୁ ସେଠାରୁ ଚାଲିଆସି ରାସ୍ତାରେ ଏଣେତେଣେ ବୁଲୁଥିବା ସମୟରେ ୧୧୨ ହେଲ୍ପ ଲାଇନ୍ ଦ୍ୱାରା ଉଦ୍ଧାର ହେଇଥିଲେ ।

ପ୍ରଥମେ ଡରରେ କିଛି ନ କହି ଚୁପଚାପ୍ ରହିଲେ ସେ । ଧୀରେ ଧୀରେ ପରାମର୍ଶଦାତ୍ରୀଙ୍କ ବୁଝେଇବା ପରେ ଲଳିତା କିଛି ମାତ୍ରାରେ ପ୍ରଭାବିତ ହେଲେ ଓ ସବୁକଥା କହିଲେ । 'ସଖୀ' ପରାମର୍ଶଦାତ୍ରୀ ଜାଣିବାକୁ ଚାହିଁବାରୁ ଲଳିତା ଯେଉଁ ବ୍ୟକ୍ତିଙ୍କ ଘରେ କାମ କରୁଥିଲା, ତାଙ୍କ ନାମ ଓ ଠିକଣା କହିବାକୁ ଅସମର୍ଥ ଥିଲେ । ଗର୍ଭବତୀ ଲଳିତାଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ତାଙ୍କୁ ମମତା ସେଲ୍ଟର ହୋମ ପଠାଇ ଦିଆଗଲା । 'ସଖୀ' ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ତଦାରଖ କରିଥିଲା । ଏକ ସୁସ୍ଥ ପୁତ୍ର ସନ୍ତାନକୁ ଜନ୍ମଦେବା ପରେ ଲଳିତା ନିଜ ଘରକୁ ଫେରିବାକୁ ଚାହିଁଲେ । 'ସଖୀ' ପରାମର୍ଶଦାତ୍ରୀ କେଉଁଝର 'ସଖୀ' ସେଣ୍ଟର ସହ ଯୋଗାଯୋଗ କରି ଲଳିତା ଓ ତା' ପୁତ୍ର ସନ୍ତାନକୁ ଘରକୁ ପଠାଇବାର ବ୍ୟବସ୍ଥା କଲେ । 'ସଖୀ'ର ସହଯୋଗ ଦ୍ୱାରା ଲଳିତା ନିଜ ଘର ପରିବାରକୁ ଫେରିଲେ ।

# ସଚେତନତା କାର୍ଯ୍ୟକ୍ରମ




Badabarsingh Badamba Block Cuttack



Balisahi Nuapada Cuttack



Budhi Mangala Cuttack



Nadikula Sahi Cuttack



Patara Sahi Cuttack




Rajabagicha



Rajendra Nagar Ward 52



Telisahi Ranihaat

# ବିଭିନ୍ନ ଦିବସ ପାଳନ



Independance Day



Observation of 16 Days of Activism




Observation of 16 Days of Activism



Observation of 16 Days of Activism in Community



Yoga Day




Observation of Swachhata Pakhwada






POSTER COMPETITION FOR ONE STOP CENTRE STAFF
BY PROJECT STREE MANORAKSHA, NIMHANS

FUNDED BY THE MINISTRY OF WOMEN AND CHILD DEVELOPMENT, GOVERNMENT OF INDIA

OSC CUTTAK, ODISHA [EAST ZONE]

THIS PRIZE IS AWARDED FOR BEST POSTER [SPECIAL MENTION]
ON THE OCCASSION OF INTERNATIONAL WOMEN'S DAY, 2022
BY THE HON'BLE MINISTER,
MINISTRY OF WOMEN AND CHILD DEVELOPMENT, GOVERNMENT OF INDIA

DR. PRABHA S. CHANDRA, Principal Investigator, Stree Manoraksha

DR. VEENA SATYANARAYANA, Co-Investigator, Stree Manoraksha

DR. KIMNEIHAT VAIPHEI, Co-Investigator, Stree Manoraksha

Sakhi, Cuttack awarded best poster making by Hon'ble Minister Women & Child Development, Govt. of India

# GLIMPSES...


Interaction with patients in ward of SCBMCH


Interaction with staff of SCBMCH


District Task Force Meeting


Counseling session


Study tour of Nurses of AMRI Hospital


Members of SAKHI Club, Nadikula Sahi



Exposure Visit of The ANT NGO, Assam


Members of SAKHI Club, Deulasahi

***For more information contact***

**SAKHI - ONE STOP CENTER**
3rd Floor, Mental Health Institute (MHI) (COE)
SCB Medical College & Hospital, Cuttack
Ph. : 0671-2410141, 9938972817
Email : osccuttack@gmail.com, onestopcentercuttack

*Institute for Social Development*
Plot No.-95 Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph: + 91-674-2726756, Mob. : 9437018141
E-mail: isd_bbsr@rediffmail.com, to@isdbbsr.org, Web: www.isdbbsr.org